## ସଂକ୍ଷେପରେ

### ୨୦ ନିଖୋଜ ଶିଶୁ ଉଦ୍ଧାର

ଛତ୍ରପୁର,୨୮।୪(ଡି.ଏନ.ଏ.):ଗଞ୍ଜାମ ପୋଲିସ ଜିଲା ଅଧୀନ ବିଭିନ୍ନ ଥାନା ପକ୍ଷରୁ ସ୍ପେଶାଲ ଡ୍ରାଇଭରେ ୨୦ଜଣ ନିଖୋଜ ଶିଶୁଙ୍କୁ ବିଭିନ୍ନ ସ୍ଥାନରୁ ଉଦ୍ଧାର କରାଯାଇଛି। ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରଏ ଏହି ସୂଚନା ଦେଇଛନ୍ତି। ଉଦ୍ଧାର ଶିଶୁମାନଙ୍କ ମଧରେ ୧୮ ଜଣ ନାବାଳିକା ଓ ୨ ଜଣ ନାବାଳକ ଅଛନ୍ତି। ନିଖୋଜ ଶିଶୁ ମାନଙ୍କୁ ଠାବ କରି ଉଦ୍ଧାର କରିବା ପାଇଁ ଗଞ୍ଜାମ ପୋଲିସ ଜିଲାରେ ୧୮ ତାରିଖରୁ ୨୫ ତାରିଖ ପର୍ଯ୍ୟନ୍ତ ସ୍ପେଶାଲ ଡ୍ରାଇଭ୍ ଚାଲିଥିଲା ।

### ରେବିଙ୍ଗିଆରେ ସ୍ୱତନ୍ତ୍ର ଗ୍ରାମସଭା

ବାଲିଗୁଡା,୨୮।୪(ଡି.ଏନ.ଏ.):ବାଲଗୁଡା ବ୍ଲକ୍ ରେବିଙ୍ଗିଆ ପଞ୍ଚାୟତ ସଭାଗୃହରେ କେନ୍ଦ୍ରୀୟ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଞ୍ଚାୟତର ୧୩ଟି ୱାର୍ଡର ସଭ୍ୟାସଭ୍ୟଙ୍କ ସହ ପଞ୍ଚାୟତ ପିଇଓ, ଗାଁ ସାଥି, କନ୍ଧମାଳ ଜିଲା ପରିଷଦ ଅଧକ୍ଷା ନନ୍ଦିନୀ ପ୍ରଧାନ, ରେବିଙ୍ଗିଆ ସରପଞ୍ଚ ରଞ୍ଜୁଲତା ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ବିଭିନ୍ନ ୱାର୍ଡରେ ଥିବା ପାଣି ସମସ୍ୟା, ଶିକ୍ଷକ ଅଭାବ, ସ୍ୱାସ୍ଥ୍ୟସେବା, ରାସ୍ତାଘାଟ ସମସ୍ୟା ଉପରେ ଆଲୋଚନା କରାଯିବା ସହ କିଭଳି ଏହାର ଶୀଘ୍ର ସମାଧାନ ହୋଇପାରିବ ସେ ନେଇ ଖସଡା ପ୍ରସ୍ତୁତି କରାଯାଇଥିଲା। ବିଭିନ୍ନ ଅଧିକାରୀଙ୍କୁ ଏ ସମ୍ପର୍କରେ ଅବଗତ କରାଇବେ ବୋଲି ଜିଲା ପରିଷଦ ଅଧକ୍ଷା ପ୍ରତିଶ୍ରୁତି ଦେଇଛନ୍ତି।

### ୨ ମହିଳାଙ୍କ ଆତ୍ମହତ୍ୟା ଅଭିଯୋଗ

ପୋଲସରା,୨୮।୪(ଡି.ଏନ.ଏ.)- ପୋଲସରା ଥାନା ଅଞ୍ଚଳରେ ଦୁଇଟି ପୃଥକ୍ ଆତ୍ମହତ୍ୟା ଘଟଣା ଘଟିଛି। ପୋଲସରା ଥାନା ଅନ୍ତର୍ଗତ ଗୋଛାବାଡି ପଞ୍ଚାୟତ ବଡ଼ଇଛାପୁର ଗ୍ରାମରେ ଝୁଲନ୍ତା ଅବସ୍ଥାରେ ଥିବା ଜଣେ ମହିଳାଙ୍କୁ ପରିବାର ଲୋକେ ଉଦ୍ଧାର କରି ପୋଲସରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକ ହେଲେ କେଦାର ନାୟକଙ୍କ ସ୍ତ୍ରୀ ଟିଙ୍କି ନାୟକ (୨୭)। ଖବର ପାଇ ପୋଲସରା ଥାନାଧିକାରୀ ଜିତେନ୍ଦ୍ର କୁମାର ମଲ୍ଲିକ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ପଠାଇଥିଲେ। ସେହିପରି କଣଛାଇ ଗ୍ରାମର ଜଣେ ମହିଳା ବିଷ ପିଇ ଦେଇଥିବା ବେଳେ ପରିବାର ଲୋକେ ଗୁରୁତର ଅବସ୍ଥାରେ ପୋଲସରା ମେଡ଼ିକାଲରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା। ମୃତକ ଜଣକ ସେହି ଗ୍ରାମର ବଳରାମ ବେହେରାଙ୍କ ପତ୍ନୀ ବାସନ୍ତୀ ବେହେରା (୩୦)। ଖବର ପାଇ ପୋଲସରା ଥାନା ପୋଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ପଠାଇଥିଲେ। ଉଭୟ ଘଟଣାରେ ପରିବାର ଲୋକଙ୍କ ଏତଲା କ୍ରମେ ୬/୨୨ ଓ ୭/୨୨ରେ ଦୁଇଟି ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ପୋଲସରା ଥାନାଧିକାରୀ ମଲ୍ଲିକ ସୂଚନା ଦେଇଛନ୍ତି।

### ପରିବା ଚାଷ କର୍ମଶାଳା

ଆସିକା,୨୮।୪(ଡି.ଏନ.ଏ.)- ଆସିକା ବ୍ଲକ ବାବନପୁରସ୍ଥିତ କୃଷି ଓ ବୈଷୟିକ ସହାୟତା କେନ୍ଦ୍ର (ଆତ୍ମା) କାର୍ଯ୍ୟାଳୟ ଠାରେ ଗୁରୁବାର ଏହି ବ୍ଲକର ଆଲିପୁର ଓ ଖାରିଆ ପଞ୍ଚାୟତର ସ୍ୱୟଂସହାୟିକା ଗୋଷ୍ଠୀଙ୍କୁ ନେଇ ପରିବା ଚାଷ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଆତ୍ମାର ସଭାପତି ରାଜେଶ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ବ୍ଲକ କୃଷି ଅଧିକାରୀ ବସନ୍ତ କୁମାର ଦେ, ବିପିଏମ ଚନ୍ଦ୍ରଶେଖର ଓ ଉଦ୍ୟାନ ବିଭାଗର ସହକାରୀ ଯନ୍ତ୍ରୀ ସନ୍ତୋଷ ପାଣିଗ୍ରାହୀ ଯୋଗଦେଇ ମହିଳାମାନେ ସ୍ୱୟଂସହାୟିକା ଗୋଷ୍ଠି ମାଧମରେ ଅଧିକ ଲାଭଜନକ ପନିପରିବା ଚାଷ କରି ଆତ୍ମନିର୍ଭରଶୀଳ ହେବା ଲାଗି ରହିଥିବା ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ ।

# ଗିରଫ ହୋଇନାହାନ୍ତି ଅଭିଯୁକ୍ତ, ବଢୁଛି ହିଂସା

■ ବ୍ୟବସାୟୀଙ୍କୁ ହତ୍ୟା ଘଟଣାକୁ ୬ ଦିନ ବିତିଲା
■ ଛତ୍ରପୁର ଥାନାରେ ସ୍ଥିତି ସମୀକ୍ଷା କଲେ ଆଇଜି

ଛତ୍ରପୁର,୨୮।୪(ଡି.ଏନ୍.ଏ)


ଛତ୍ରପୁର ଥାନାରେ ଦକ୍ଷିଣାଞ୍ଚଳ ଆଇଜି ସତ୍ୟବ୍ରତ ଭୋଇ ଆଲୋଚନା କରୁଛନ୍ତି।

ଛତ୍ରପୁର ଥାନା ହଂସପୁର ଗାଁର ସିମେଣ୍ଟ ବ୍ୟବସାୟୀ କୃଷ୍ଣଚନ୍ଦ୍ର ପରିଡାଙ୍କୁ ହତ୍ୟା ଘଟଣାର ୬ ଦିନ ପରେ ବି କାହାରିକୁ ଗିରଫ କରାଯାଇନାହିଁ। ଗତ ୨୨ ତାରିଖ ରାତିରେ କୃଷ୍ଣଚନ୍ଦ୍ରଙ୍କୁ ହତ୍ୟା କରାଯାଇଥିଲା। ୩ ଦିନ ପର୍ଯ୍ୟନ୍ତ ପୋଲିସର ନିଷ୍କ୍ରିୟତା ଓ ଅଟକ ଥିବା ଅଭିଯୁକ୍ତଙ୍କ ମଧ୍ୟରୁ ପୋଲିସ ଜଣଙ୍କୁ ଛାଡ଼ି ଦେବାରୁ ଗତ ସୋମବାର କୃଷ୍ଣଚନ୍ଦ୍ରଙ୍କ ଭାବୀ ସ୍ତ୍ରୀ ଆରତୀ ପ୍ରଧାନ ବିଷ ପିଇ ଆତ୍ମହତ୍ୟା କରିଥିଲେ। ଏହା ପରେ ବି ପୋଲିସ କିଛି କାର୍ଯ୍ୟାନୁଷ୍ଠାନ ନେଇ ନ ଥିବାରୁ ଗାଁର ଶତାଧିକ ମହିଳା ଓ ପୁରୁଷ ଅଟକ ହତ୍ୟା ଅଭିଯୁକ୍ତ ଓ ତାଙ୍କ ସମ୍ପର୍କୀୟଙ୍କ ଘର, ଦୋକାନ, ଗାଡି ଭଙ୍ଗାରୁଜା କରିବା ସହ ବିଭିନ୍ନ ଜିନିଷ ଲୁଟିନେଇଥିବା ଅଭିଯୋଗ ହୋଇଛି। ଏହା ସତ୍ତ୍ୱେ ଗାଁରେ ପୋଲିସ ପହଞ୍ଚିପାରିନି। ଗତ ସୋମବାର ଆନ୍ଦୋଳନକାରୀ ଉତ୍ତ୍ୟକ୍ତ ହୋଇ ପୋଲିସକୁ ଆକ୍ରମଣ କରିଥିବାରୁ ଭୟ ଘାରିଛି । ଗାଁରେ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଛି । ସେପଟେ ଦକ୍ଷିଣାଞ୍ଚଳ ଆଇଜି ସତ୍ୟବ୍ରତ ଭୋଇ ଛତ୍ରପୁର ଥାନାକୁ ଆସି ପୋଲିସ ଅଧିକାରୀମାନଙ୍କ ସହ ଉକ୍ତ ଘଟଣା ସମ୍ପର୍କରେ ଆଲୋଚନା କରଛନ୍ତି। ଆଲୋଚନା ବେଳେ ଏସପି ବ୍ରିଜେଶ କୁମାର ରଏ, ଅତିରିକ୍ତ ଏସପି ଠାକୁର ପ୍ରସାଦ ପାତ୍ର, ଛତ୍ରପୁର ଏସଡିପିଓ ଗୌତମ କିଷାନ, ଥାନା ଆଇଆଇସି ସତ୍ୟ ରଞ୍ଜନ ପ୍ରଧାନ ଉପସ୍ଥିତ ଥିଲେ। ଏହି ମାମଲାରେ କିଛି ବ୍ୟକ୍ତି ଅଟକ ଅଛନ୍ତି, ଆମେ ଏସମ୍ପର୍କରେ ପ୍ରମାଣ ପାଇଛୁ। ଏସମ୍ପର୍କରେ ପୋଲିସ ଅଧିକାରୀମାନଙ୍କ ସହ ଆଲୋଚନା କରିଥିବା ଆଇଜି ଭୋଇ ଗଣମାଧ୍ୟକୁ ସୂଚନା ଦେଇଛନ୍ତି। ଗାଁରେ ଉତ୍ତେଜନାପୂର୍ଣ୍ଣ ସ୍ଥିତି ରହିଛି ଏବଂ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଆଇଜି କହିଛନ୍ତି। ଅପରପକ୍ଷରେ ଗୁରୁବାର ଛତ୍ରପୁର ଥାନା ପରିସରରେ ଗଂଜାମ ଏସପିଙ୍କୁ ଅଟକଙ୍କ ପରିବାରବର୍ଗ ଭେଟିଛନ୍ତି। ୫ ଦିନ ହେଲା ଅଟକ ରଖାଯାଇଛି ଏବଂ ଆମ ଘର , ଦୋକାନ ଓ ଗାଡି ଭାଙ୍ଗିବା ସହ ବହୁ ଜିନିଷ ଲୁଟ୍ ହୋଇଥିବା ସମ୍ପର୍କରେ ସେମାନେ ଏସପିଙ୍କ ଦୃଷ୍ଟିଆକର୍ଷଣ କରିଥିଲେ । ଏହି ମାମଲାରେ ପୋଲିସ କାହାରିକୁ ଗିରଫ ଦର୍ଶାଇନଥିବାରୁ ବୁଧବାର ସନ୍ଧ୍ୟାରେ ଶତାଧିକ ମହିଳା ଓ ପୁରୁଷ ଗାଁରେ ଏକାଠି ହୋଇଥିଲେ । ପରେ ଉତ୍ୟକ୍ତ ମାନେ ଅଟକ ଥିବା ଓ ତାଙ୍କ ପରିବାର ର ଘର , ଦୋକାନ, ଗାଡି ଭାଙ୍ଗିବା ସହ ଖାଦ୍ୟ ଶସ୍ୟ, ସୁନା, ଟଙ୍କା, ଆଦି ଲୁଟିନେଇଥିବା ନେଇ ଥାନାରେ ଏତଲା ହୋଇଛି । ଗାଁରେ ଲୋକେ ଏକତ୍ରିତ ହୋଇଥିବା ବୁଧବାର ଅପରାହ୍ନରୁ ଛତ୍ରପୁର ଥାନାକୁ ଜଣାଇଥିଲେ ମଧ୍ୟ ପୋଲିସ ଆସି ନ ଥିଲା ବୋଲି ଉକ୍ତ ପରିବାର ଅଭିଯୋଗ କରିଛି ।

## ଗଞ୍ଜେଇ ବୋଝେଇ କାର ଦୁର୍ଘଟଣାଗ୍ରସ୍ତ, ଚାଳକ ଫେରାର

ହିଞ୍ଜିଳିକାଟୁ,୨୮।୪(ଡି.ଏନ୍.ଏ.)

ଜି.ଉଦୟଗିରି,୨୮।୪(ଡି.ଏନ.ଏ.)- ଜି.ଉଦୟଗିରି ଥାନା ଅନ୍ତର୍ଗତ ରାଇପଦା ନିକଟ ପଣସ ବାଙ୍କଠାରେ ଗଞ୍ଜେଇ ଭର୍ତ୍ତି ୱାଗନର (ନଂ ଓଆର ୦୨ଏଆର ୩୬୦୫) ଓଲଟି ପଡିଥିବା ବେଳେ ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଦେଖି ଲୋକ ଜି.ଉଦୟଗିରି ପୋଲିସକୁ ଖବର ଦେଇଥିଲେ। ଏସଡିପିଓ ତିରୁପତି ରାଓ ପଟ୍ଟନାୟକପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗଞ୍ଜେଇ ଭର୍ତ୍ତି କାରକୁ ଜବତ କରିଥିଲେ। କାର ଭିତରେ ଗଞ୍ଜେଇ ପୁଡ଼ା ପୁଡ଼ା ଭର୍ତ୍ତି ହୋଇଥିବା ଦେଖିବାକୁ ମିଳିଛି। ଚାଳକ କିଏ ଓ ମାଲିକ କିଏ ସ୍ଥାନୀୟ ପୋଲିସ ତାର ତଦନ୍ତ ଆରମ୍ଭ କରିଥିବା ସୂଚନା ମିଳିଛି।

## ଗୋଷାଣୀ ପଞ୍ଚାୟତ ସମିତି ବୈଠକ

ପାରଳାଖେମୁଣ୍ଡି,୨୮।୪(ଡି.ଏନ୍.ଏ.)

ଗୋଷାଣୀ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପରେ ଅନୁଷ୍ଠିତ ଏହି ପ୍ରଥମ ବୈଠକରେ ବ୍ଲକ ଅଧକ୍ଷ ଏନ.ବୀରରାଜୁ ସଭାପତିତ୍ୱ କରିଥିଲେ । ଗୋଷ୍ଠୀ ଉନ୍ନୟନ ଅଧିକାରୀ ନୀଳମାଧବ ମାଝି, ବ୍ଲକ ଉପାଧକ୍ଷ ଏସ.ଅନୁସୂୟା ଦେବୀ, ଜିଲା ପରିଷଦ ସଭ୍ୟ ଏସ.ବାଲାରାଜୁ, ଜିଲା ପରିଷଦ ସଭ୍ୟା ନୀଳାବତୀ ପାରିଗା, ବିଧାୟକ ପ୍ରତିନିଧି କେ.ବେଣୁ, ଏମ୍‌ପି ପ୍ରତିନିଧି ଡି.ଭି.ଆର୍. ରାଜୁ, ଅତିରିକ୍ତ ତହସିଲଦାର ବିପିନ ଚନ୍ଦ୍ର ଲିମା ଏବଂ ବ୍ଲକର ସମସ୍ତ ସରପଞ୍ଚ, ସମିତି ସଭ୍ୟାସଭ୍ୟ ଓ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ । ପ୍ରଥମେ ସ୍ଥାୟୀ ବ୍ଲକ ଶିକ୍ଷାଧିକାରୀ ନିଯୁକ୍ତି ପ୍ରସଙ୍ଗ ଆଲୋଚନା ହୋଇଥିଲା। ସେହିପରି ମିଶ୍ରଣ ହୋଇଥିବା ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଅନ୍ୟ ବିଦ୍ୟାଳୟକୁ ଯାତାୟତ ଖର୍ଚ୍ଚ ପ୍ରଦାନ କରାଯାଉ ନ ଥିବାରୁ ଜନ ପ୍ରତିନିଧିମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ବାଘଶଳା ସମିତି ସଭ୍ୟ କେତେକ ସ୍କୁଲରେ ପିଇବା ପାଣି ସୁବିଧା ନ ଥିବା କହିଥିଲେ। ଗ୍ରୀଷ୍ମର ପ୍ରକୋପ ବେଳେ ଗ୍ରାମାଞ୍ଚଳ ଗୁଡିକରେ ଥିବା ନଳକୂପ ମରାମତି ହେଉ ନ ଥିବାରୁ ବିଭାଗୀୟ ଅଧିକାରୀଙ୍କ ଉପରେ କ୍ଷୋଭ ପ୍ରକାଶ କରିଥିଲେ । ସେହିପରି ଚାରାରୋପଣ, ପ୍ରାଣୀଧନ, ସ୍ୱାସ୍ଥ୍ୟ, ଜଳ ବିଭାଜିକା, ପ୍ରଧାନ ମନ୍ତ୍ରୀ ସଡକ ଯୋଜନା, ରାସ୍ତାଘାଟ ନିର୍ମାଣ, ଉଦ୍ୟାନ, କୃଷି ଆଦି ବିଷୟରେ ବୈଠକରେ ଆଲୋଚନା ହୋଇଥିଲା । ବୈଠକକୁ ପଞ୍ଚାୟତ ଅଧିକାରୀ ଦୁର୍ଗା ପ୍ରସାଦ ରଣା ପରିଚାଳନା କରିଥିଲେ।

# ପାଣି ପାଇଁ ଚୁଆ ଖୋଳିଲେ ଗାଁ ଲୋକେ

ପାରଳାଖେମୁଣ୍ଡି,୨୮।୪(ଡି.ଏନ.ଏ.)


ବୁଲେରିପଦା ଗ୍ରାମର ଲୋକେ ଚୁଆ ଖୋଳୁଛନ୍ତି।

ବସୁଧା ଯୋଜନାରେ ସରକାର ସମସ୍ତଙ୍କୁ ପାଣି ଯୋଗାଇ ଦେବା ବ୍ୟବସ୍ଥା କରିଛନ୍ତି। ହେଲେ ମୋହନା ବ୍ଲକ ପ୍ରଶାସନ ପାନୀୟ ଜଳ ସମସ୍ୟା ଦୂର କରି ନ ପାରିବାରୁ ଗ୍ରାମବାସୀ ଚୁଆ ଖୋଳି ପାଇବା ପାଣି ସଂଗ୍ରହ କରିବାକୁ ବାଧ ହୋଇଛନ୍ତି। ବ୍ଲକ ଅନ୍ତର୍ଗତ ଡମ୍ବଗୁଡା ପଞ୍ଚାୟତ ବୁଲେରିପଦା ଗ୍ରାମରେ ଏଭଳି ଦେଖିବାକୁ ମିଳିଛି। ଏହି ଗ୍ରାମରେ ୧୦ ପରିବାର ବସବାସ କରୁଥିବା ବେଳେ ଲୋକ ସଂଖ୍ୟା ୭୦ରୁ ଉର୍ଦ୍ଧ୍ୱ। ବହୁବର୍ଷ ତଳେ ଗାଁରେ ଖୋଳାଯାଇଥିବା ନଳକୂପରୁ ପାଣି ଟୋପାଏ ବାହାରିଲାନି। ତେଣୁ ପାହାଡ଼ରୁ ପାଇପ ପକାଇ ଲୋକେ ଗ୍ରାମକୁ ଝରଣା ପାଣି ଆଣିଥିଲେ। ପ୍ରଚଣ୍ଡ ଖରାରେ ଆଉ ପାଣି ନ ଆସିବାରୁ ଗ୍ରାମବାସୀ ବହୁବାର ସରପଞ୍ଚଙ୍କଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନକୁ ଗୁହାରି ଜଣାଇଲେ । କିନ୍ତୁ କୌଣସି ସୁଫଳ ନ ମିଳିବାରୁ ତିନ ଦିନ ଲାଗି ପଡି ଗ୍ରାମଠାରୁ ୫ଶହ ମିଟର ଦୂରରେ ବିଲରେ ଚୁଆ ଖୋଳିଛନ୍ତି। ଉକ୍ତ ଚୁଆରୁ ମଧ ଯେଉଁ ପାଣି ତାହାକୁ ଗାଈ ଗୋରୁ ବି ପିଉନାହାନ୍ତି, ତଥାପି ଆମକୁ ପିଇବାକୁ ପଡୁଛି ବୋଲି ଗ୍ରାମବାସୀ କହିଛନ୍ତି।

# ଜଙ୍ଗଲରେ ନିଆଁ ଲଗାଇ ଜଣେ ଗିରଫ

ଭଞ୍ଜନଗର,୨୮।୪(ଡି.ଏନ.ଏ)

ଘୁମୁସର ଉତ୍ତର ବନଖଣ୍ଡର ମୁଜାଗଡ଼, ଗାଲେରି ଏବଂ ତାରସିଂ ରେଞ୍ଜରେ ଜଙ୍ଗଲ ପୋଡ଼ି ବଢ଼ିବାରେ ଲାଗିଛି। ଏଥିଲାଗି ବନ୍ୟପ୍ରାଣୀ ବିପଦରେ ପଡୁଥିବା ବେଳେ ମୂଲ୍ୟବାନ ଗଛ ମଧ ଧ୍ୱଂସ ପାଉଛି । ଏହାକୁ ନେଇ ପରିବେଶବିତ୍ ମାନେ ଚିନ୍ତା ପ୍ରକଟ କରିଛନ୍ତି। ଅନ୍ୟପକ୍ଷରେ ଭଞ୍ଜନଗର ଅଞ୍ଚଳରେ ଗତ କିଛିଦିନ ହେବ ତାପମାତ୍ରା ବୃଦ୍ଧିଯୋଗୁ ଅଧିକାଂଶ ସ୍ଥାନରେ ବନ କର୍ମଚାରୀମାନେ ନିଆଁକୁ ଆୟତ୍ତ କରିବାରେ ସକ୍ଷମ ହୋଇପାରୁନାହାନ୍ତି। ଯଦ୍ଦ୍ୱାରା ନିଆଁ ଅଧିକ ଅଞ୍ଚଳକୁ ବ୍ୟାପି ଯାଉଛି। ଏଭଳି ସ୍ଥିତିରେ ଜଗନ୍ନାଥପ୍ରସାଦ ରେଞ୍ଜ ତିରିକୁମ୍ପା ଜଙ୍ଗଲରେ ବନ୍ୟପ୍ରାଣୀ ଶିକାର ଉଦ୍ଦେଶ୍ୟରେ ବୁଧବାର ରାତିରେ ଜଙ୍ଗଲରେ ନିଆଁ ଲଗାଉଥିଲେ। ରେଞ୍ଜର ଉମାକାନ୍ତ ଦାସ ଏହି ସୂଚନା ପାଇ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବନପାଳ କଳାବଦନ ଦାସ, ପ୍ରଦ୍ୟୁମ୍ନ ବିଷୋୟୀ, ଇଶ୍ୱୁଆ ଗଣେଶ, ଲମ୍ବୋଦର ଗୌଡ଼ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତ ଅମର ବେହେରାଙ୍କୁ କାବୁ କରିଥିଲେ। ଗୁରୁବାର ତାଙ୍କୁ ଭଞ୍ଜନଗର କୋର୍ଟ ଚାଲାଣ କରାଯାଇଛି । ଏହାପୂର୍ବରୁ ଗତ ୨୪ ତାରିଖରେ କୁରୁତାଇ ଜଙ୍ଗଲ ନିକଟରେ ୩ ଯୁବକ କୁଟୁରା ମାଂସ ଧରି ଆସୁଥିବା ବେଳେ ହରିଡ଼ାପଦର ଗ୍ରାମର ୨ଜଣଙ୍କୁ ଗିରଫ କରାଯାଇଥିଲା। ଅନ୍ୟ ଅଭିଯୁକ୍ତ ଜଣକ ଫାଙ୍କା ଗୁଳିଚାଳନା କରି ଚମ୍ପଟ ମାରିଥିଲେ । ଏନେଇ ବନ ବିଭାଗ ପକ୍ଷରୁ ତାରସିଂ ଥାନାରେ ଅଭିଯୋଗ କରାଯାଇଥିବା ରେଞ୍ଜର ଉମାକାନ୍ତ ଦାସ ସୂଚନା ଦେଇଛନ୍ତି ।

# ବଟେଶ୍ୱର ପୀଠ ପରିଦର୍ଶନ କଲେ ଜିଲାପାଳ


ବଟେଶ୍ୱର ଶୈବପୀଠ ପରିଦର୍ଶନ କରୁଛନ୍ତି ଜିଲାପାଳ।

ଗଞ୍ଜାମ,୨୮।୪(ଡି.ଏନ.ଏ.)

ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଗୁରୁବାର ପ୍ରସିଦ୍ଧ ବଟେଶ୍ୱର ଶୈବପୀଠ ପରିଦର୍ଶନ କରିଥିଲେ। ସେଠାରେ ସେ ନୂତନ ଭାବେ ନିର୍ମିତ ବିଭିନ୍ନ ପ୍ରକଳ୍ପ ଓ ଉନ୍ନୟନ କାର୍ଯ୍ୟଶୈଳୀ ଦେଖି ଖୁସି ବ୍ୟକ୍ତ କରିଛନ୍ତି। ପ୍ରାକୃତିକ ପରିବେଶ ମଧ୍ୟରେ ଥିବା ଏହି ପୀଠକୁ ଆହୁରି କିପରି ଆକର୍ଷଣୀୟ କଲେ ପର୍ଯ୍ୟଟକମାନେ ଆକର୍ଷିତ ହେବେ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହିତ ଜିଲାପାଳ ସମୁଦ୍ର ବେଳାଭୂମି ବୁଲିବା ସହ ପରିବେଶ ସ୍ୱଚ୍ଛ ରଖିବାକୁ ଜନ ସଚେତନତା, ପ୍ଲାଷ୍ଟିକ ବୋତଲ, ଖଲି ଖାଦ୍ୟପୁଡ଼ିଆଗୁଡିକୁ ଯେପରି ହଟିବ ସେ ନେଇ ମନ୍ଦିର ପରିଚାଳନା କମିଟିକୁ ପରାମର୍ଶ ଦେଇଛନ୍ତି । ବଟେଶ୍ୱର ପୀଠ ପରିଦର୍ଶନ ବେଳେ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଶ୍ୱଜିତ ରାୟ, ପିଇଓ ଦିଲୀପ ନାୟକ, ସମାଜିକ କର୍ମୀ ଶିବାଜୀ ସ୍ୱାଇଁ, ସଞ୍ଜୟ ତରାଇ ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ପରେ ଜିଲାପାଳ ଐତିହାସିକ ପୋତାଗଡ଼ ଦୁର୍ଗ ପରିଦର୍ଶନ କରି ତାର ଉନ୍ନତିକରଣ ସମ୍ପର୍କରେ ଆଲୋଚନା କରିଥିଲେ। ପୋତାଗଡ଼ରେ ପରିଦର୍ଶନ ବେଳେ ତହସିଲଦାର ଅରୁଣ କୁମାର ନାୟକ ଓ ପୋତଗେଡ଼ ଉନ୍ନୟନ କମିଟି ସଦସ୍ୟ ରାକେଶ ରଞ୍ଜନ ଦାସ ଉପସ୍ଥିତ ଥିଲେ।

## ଟେଣ୍ଟ ହାଉସ ସରଞ୍ଜାମ ଚୋରି ଅଭିଯୋଗ, ୨ ଗିରଫ

କାଶୀନଗର,୨୮।୪

କାଶୀନଗରର ଶିବ ମହାରଣାଙ୍କ ଟେଣ୍ଟ ହାଉସର ବହୁ ସାମଗ୍ରୀ, ବିଦ୍ୟୁତ ସରଞ୍ଜାମ ଆଦି କିଛିଦିନ ହେଲା ଚୋରି ହୋଇଯାଇଥିଲା। ଏନେଇ ସେ ଥାନାରେ ଏତଲା ଦେଇଥିଲେ। ପୋଲିସ ଏହାର ତଦନ୍ତ କରି ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଆନ୍ଧ୍ରପ୍ରଦେଶ କୋଶାମଲା ଗ୍ରାମର ଜି. ମଧୁ ଓ ଡ଼ାମୁଣି ଗ୍ରାମର ଏସ. ରାଜୁ। ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତ ଦୁଇଟି ଷ୍ଟେରିଓ, ଆମ୍ପ୍ଲିଫାୟାର ମେଶିନ, କ୍ରସଓଭର ମେଶିନ, ଆହୁଜା ଏମ୍ପ୍ଲିଫାୟାର ଆଦି ବିଦ୍ୟୁତ ସରଞ୍ଜାମ ଚୋରାଇ ଜିବା ଗ୍ରାମର ଏକ ଗୋଦାମ ଘରେ ରଖିଥିଲେ। ଏସବୁ ସରଞ୍ଜାମ ନେଇଥିବା ଅଟୋ ଡ୍ରାଇଭରଙ୍କୁ ପଚରାଉଚରା କରି ପୋଲିସ ସେ ସବୁକୁ ଉଦ୍ଧାର କରିଛି। ଏଥିସହ ଅଟୋ (ନଂ ଟିଏସ୦୮ୟୁଡି୬୧୭୫)କୁ ମଧ ଜବତ କରିଛି। ଏ ନେଇ କାଶୀନଗର ଥାନାରେ ନଂ.୪୩/୨୨ରେ ଚୋରି ମାମଲା ରୁଜୁ ହୋଇଥିବା ଥାନାଧିକାରୀ ସୁଶାନ୍ତ କୁମାର ସାହୁ କହିଛନ୍ତି।

# ବ୍ଲକସ୍ତରୀୟ ସ୍ୱାସ୍ଥ୍ୟ ମେଳା



ସ୍ୱାସ୍ଥ୍ୟ ମେଳାରେ ଉପସ୍ଥିତ ଅତିଥି ।

ଭଞ୍ଜନଗର,୨୮।୪(ଡି.ଏନ.ଏ)

ଭଞ୍ଜନଗର ବ୍ଲକସ୍ତରୀୟ ସ୍ୱାସ୍ଥ୍ୟମେଳା ଗୁରୁବାର ଡହ ଠାରେ ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ୫୪୭ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ମାଗଣା ଔଷଧ ବଣ୍ଟାଯାଇଥିଲା। ଏଥିସହ କୋଭିଡ୍ ଟିକା ମଧ ଦିଆଯାଇଥିଲା । ଭଞ୍ଜନଗର ମେଡ଼ିକାଲ ଅଧୀକ୍ଷକ ଡ଼.ସିତାଶୁଂ ଶେଖର ଶତପଥୀ, ତହସିଲଦାର ଆଲୋକ ପ୍ରଧାନ, ଶିଶୁ ବିଶେଷଜ୍ଞ ଭଗବାନ ସାହୁ, ଡ଼. ଶ୍ରୀଲେଖା, ଡ଼.ବିଜୟ କୁମାର ନାୟକ, ଡ଼.ନିଶିଗନ୍ଧା ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଗାଲେରି ମେଡ଼ିକାଲ ଅଫିସର ଡ଼. ଗୋବିନ୍ଦ ମହାପାତ୍ର ସଭା ସଂଯୋଜନା କରିଥିଲେ । ବିପିଓ ଜର୍ଜ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ସୁପରଭାଇଜର ନୀଳମାଧବ ଶତପଥି ଧନ୍ୟବାଦ ପ୍ରଦାନ କରିଥିଲେ ।

## ଏନ୍‌ଏସି ପୂର୍ବତନ ଅଧ୍ୟକ୍ଷଙ୍କ ପରଲୋକ

ଦିଗପହଣ୍ଡି,୨୮।୪(ଡି.ଏନ.ଏ.)

ଦିଗପହଣ୍ଡି ଏନ୍‌ଏସିର ପୂର୍ବତନ ଅଧକ୍ଷ ଗଜାନନ ମେକାପ(୮୩)ଙ୍କ ବୁଧବାର ପରଲୋକ ଘଟିଛି। ବାର୍ଦ୍ଧକ୍ୟ ଜନିତ କାରଣରୁ ସେ ଗତ କିଛି ଦିନ ଧରି ଅସୁସ୍ଥ ଥିଲେ। ବିୟୋଗ ଖବର ପାଇ ସହରର ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଦିଗପହଣ୍ଡି ବଡ ବ୍ରାହ୍ମଣ ସାହିସ୍ଥିତ ବାସଭବନରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଦିଗପହଣ୍ଡି ଏନ୍‌ଏସି ଅଧକ୍ଷ ପ୍ରଫୁଲ୍ଲ ପଣ୍ଡା, ଉପାଧକ୍ଷା କାପୁଲୁ ପୂଜା, ପୂର୍ବତନ ଅଧକ୍ଷ ଭି. ରବି ନାରାୟଣ ରାଜୁ ପ୍ରମୁଖଙ୍କ ସମେତ ଖେମୁଣ୍ଡି ଓକିଲ ସଂଘ ପକ୍ଷରୁ ଶୋକାକୁଳ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜ୍ଞାପନ କରାଯାଇଛି।

# କେବିକେ ପକ୍ଷରୁ କୃଷି ମେଳା


କୃଷି ମେଳାରେ ଉପସ୍ଥିତ ଅତିଥି ।

ଭଞ୍ଜନଗର,୨୮।୪(ଡି.ଏନ.ଏ)

ଭଞ୍ଜନଗର କୃଷି ବିଜ୍ଞାନ କେନ୍ଦ୍ର (ଗଞ୍ଜାମ-୧) ପକ୍ଷରୁ ବୁଧବାର କୃଷି ମେଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ବରିଷ୍ଠ ବୈଜ୍ଞାନିକ ପ୍ରଶାନ୍ତ କୁମାର ପଣ୍ଡା ଅଧକ୍ଷତା କରିଥିଲେ। କୃଷକ କଲ୍ୟାଣ ବିଭାଗ ଏବଂ ଭାରତୀୟ କୃଷି ଅନୁସନ୍ଧାନର ମିଳିତ ସହଯୋଗରେ ଏହି ମେଳା ହୋଇଥିଲା । ଭଞ୍ଜନଗର ବ୍ଲକ କୃଷି ଅଧିକାରୀ ରବି ନାରାୟଣ ପଣ୍ଡା ମୁଖ୍ୟ ଅତିଥି, ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଡ଼.ନିଶିକାନ୍ତ ବଳ, ସହକାରୀ ମତ୍ସ୍ୟ ଅଧିକାରୀ ସୁଧାଂଶୁ ଶେଖର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରାକୃତିକ କୃଷି ଏବଂ ତାର ଉପାଦେୟତା ଉପରେ କହିଥିଲେ। ବୈଜ୍ଞାନିକ ଅନିତା ପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ । ମେଳାରେ ୩୫୦ ଜଣ ଚାଷୀ ଭାଗ ନେଇଥିଲେ ।

## ଅଟୋ ଦୁର୍ଘଟଣାଗ୍ରସ୍ତ, ନାବାଳକ ମୃତ

ଆର.ଉଦୟଗିରି,୨୮।୪(ଡି.ଏନ.ଏ.)

ଗଜପତି ଜିଲା ମୋହନା ବ୍ଲକ ଅନ୍ତର୍ଗତ ଝିଲିକି ଶ୍ମଶାନ ଛକ ନିକଟରେ ଏକ ଅଟୋ ଦୁର୍ଘଟଣାଗ୍ରସ୍ତ ହେବାରୁ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୨ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଅଡ଼ବା ଗ୍ରାମର ମାଳତୀ ମାହାନ୍ତିଙ୍କ ପୁଅ ଫୁନିଆ(୧୫)। ଅଡବା ଗ୍ରାମର ଉଜ୍ୱଳ ପାତ୍ର ଓ ଧ୍ରୁବା ବେହରଦଳାଇ ଆହତ ହୋଇଛନ୍ତି। ଅଟୋରେ ଥିବା ଅନ୍ୟ ଦୁଇଜଣ କେଉଁଆଡେ ଚାଲିଯାଇଛନ୍ତି । ପ୍ରକାଶ ଯେ, ଅଟୋ (ନଂ.ଓଡି୦୭ଜେ ୩୨୮୦)ରେ ଏହି ୫ଜଣ ବୁଧବାର ରାତିରେ ଅଡବାରୁ ଝିଲିକୁ ଏକ ବିବାହରେ ଯୋଗଦେବାକୁ ଯାଇ ଫେରିବା ବେଳେ ତାହା ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏନେଇ ଅଡବା ଥାନାରେ କେସ ନଂ.୬୧/୨୨ରେ ମାମଲା ରୁଜୁ ହୋଇଛି।

# ଆବାସ ଯୋଜନାରେ ଦୁର୍ନୀତି ଅଭିଯୋଗ

**ଫୁଲବାଣୀ ପୌର ପରିଷଦ**

ଫୁଲବାଣୀ ଅଫିସ, ୨୮।୪

କନ୍ଧମାଳ ଜିଲା ଫୁଲବାଣୀ ପୌର ପରିଷଦରେ ଆବାସ ଯୋଜନାରେ ବ୍ୟାପକ ଦୁର୍ନୀତି ହୋଇଛି । ଗୋଟିଏ ଗୋଟିଏ ପରିବାର ୪ରୁ ୫ଟି ଆବାସ ହାତେଇଛନ୍ତି। ଏପରିକି ଜଣେ ପୂର୍ବତନ କାଉନସିଲର ୪ଟି ଆବାସ ନେଇଛନ୍ତି। ମାତ୍ର ସ୍ଥଳ ବିଶେଷରେ ପ୍ରକୃତ ହିତାଧିକାରୀଙ୍କୁ ଘର ଖଣ୍ଡେ ମିଳୁନାହିଁ। ଗତ ୨୧ ତାରିଖରେ ଆବାସ ବଣ୍ଟନକୁ ନେଇ ପାଟିତୁଣ୍ଡ ହୋଇଥିଲା। ଫଳରେ ଉକ୍ତ ଦିନ ଏହି କାର୍ଯ୍ୟକ୍ରମକୁ ସ୍ଥଗିତ ରଖାଯାଇଥିଲା । ପୌର ପରିଷଦ କାର୍ଯ୍ୟାଳୟରେ ଏବେ ଦୁର୍ନୀତି ଚରମ ସୀମାରେ ପହଞ୍ଚିଛି । ସମସ୍ତ ବିଭାଗରେ ଭିଜିଲାନ୍ସ ତଦନ୍ତ ପାଇଁ ପୌର ପରିଷଦର କେତେଜଣ କର୍ମଚାରୀ ନିଜ ନାମ ଗୋପନ ରଖି କହିଛନ୍ତି। ଜନସାଧାରଣ ମଧ ଏହି ଦାବି କରିଛନ୍ତି।

ସରକାରଙ୍କ ଗାଇଡ ଲାଇନକୁ ଉଲ୍ଲଂଘନ କରାଯାଇ ହିତାଧିକାରୀ ଚୟନ କରାଯାଇଛି। ସେହିପରି ଉଷା ସର୍ଭେରେ ମଧ୍ୟ ଅନିୟମିତତା ହୋଇଛି । ଚାକିରିଆ ଓ ଥିଲାବାଲାଙ୍କୁ ଚୟନ କରାଯାଇଛି। ଏପଟେ ବହୁ ଗରୀବ ଲୋକେ ଘର ଖଣ୍ଡେ ନ ପାଇ ଯୋଜନାରୁ ବଞ୍ଚିତ ରହିଛନ୍ତି। ପ୍ରକୃତ ହିତାଧିକାରୀଙ୍କୁ ଆବାସ ଯୋଜନାରେ ଘର ଯୋଗାଇ ଦେବାକୁ ଜାଗ୍ରତ କନ୍ଧମାଳର ମୁଖ୍ୟ ସମ୍ପାଦକ ସତ୍ୟ ନାରାୟଣ ବେହେରା ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ, ଗତ ୨୧ ତାରିଖରେ ଫୁଲବାଣୀ ପୌର ପରିଷଦ ବିଜୁ କଲ୍ୟାଣ ମଣ୍ଡପଠାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କାର୍ଯ୍ୟକ୍ରମ ରହିଥିଲା। ଏଥିପାଇଁ ପୌର ପରିଷଦ ପକ୍ଷରୁ ବିଭିନ୍ନ ୱାର୍ଡର ୩୫୦ ହିତାଧିକାରୀଙ୍କୁ ଡକାଯାଇଥିଲା । ହେଲେ ହିତାଧିକାରୀ ଚୟନରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଥିଲା । ଏହାକୁ ନେଇ ହିତାଧିକାରୀ ପାଟିତୁଣ୍ଡ କରିଥିଲେ । କାଉନସିଲରମାନେ ମଧ ତାଲିକାର ପୁନଃ ସମୀକ୍ଷା ପାଇଁ ଦାବି କରିଥିଲେ । ଫଳରେ ଏ ପର୍ଯ୍ୟନ୍ତ କାର୍ଯ୍ୟାଦେଶ ବଣ୍ଟନ ହୋଇନାହିଁ।

## ମଧୁବାବୁଙ୍କ ଜୟନ୍ତୀ ପାଳିତ

କାଶୀନଗର,୨୮।୪

ଉତ୍କଳ ଗୌରବ ମଧୁ ସୂଦନ ଦାସଙ୍କ ଜୟନ୍ତୀ ବଂଶଧାରା ପାଠାଗାର ଠାରେ ପାଳିତ ହୋଇଯାଇଛି। ଏଥିରେ ପାଠାଗାର ସଭାପତି ହୃଷିକେଶ ଗୌଡ଼ ସଭାପତିତ୍ୱ କରିଥିଲେ। ସ୍ଥାନୀୟ ଏନଏସି ନିର୍ବାହୀ ଅଧିକାରୀ ଡ଼ା. ସତ୍ୟ ସମ୍ପନ୍ନା ରାଉତ ମୁଖ୍ୟଅତିଥି, ଥାନାଧିକାରୀ ସୁଶାନ୍ତ ସାହୁ, ଏନଏସି ଉପାଧକ୍ଷ ରଘୁରାମ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମଧୁବାବୁଙ୍କ ଆଦର୍ଶ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ। ମନୋଜ ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ। ରାଜେଶ ପଟ୍ଟନାୟକ, ରାଜେଶ ମିଶାଲ, ତ୍ରିନାଥ ନାୟକ, କିଶୋର ଜେନା, ଅନୁ ପାତ୍ର, ଆନନ୍ଦ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

